## ବନ ବିଭାଗ ନିରବ, ଏଚ୍‌ଡି ଏଆଇ କ୍ୟାମେରା କେଉଁ କାମକୁ

# ମାତିଛି ହାତୀ; ୩ ଦିନରେ ନେଲାଣି ୩ ଜୀବନ

ରାଉରକେଲା, ୭।୬(ସମିସ)

ରାଉରକେଲା ବନଖଣ୍ଡରେ ଗତ ୩ ଦିନ ମଧ୍ୟରେ ୩ ଜଣଙ୍କୁ ଦନ୍ତା ଦଳି ମାରିଲାଣି। କ'ଣ କରୁଛି ବନ ବିଭାଗ ଓ ରାଉରକେଲା ବନଖଣ୍ଡରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହାଇ ଡେଫିନେସନ ଏଆଇ କ୍ୟାମେରା ଲଗାଯିବା କେଉଁ କାମକୁ ବୋଲି ପ୍ରଶ୍ନ କରୁଛନ୍ତି ସାଧାରଣ ଲୋକେ। ଗତ ଦୁଇଦିନ ମଧ୍ୟରେ ଦୁଇଜଣଙ୍କୁ ହାତୀ ଦଳିଦେଇଥିବାବେଳେ ଆଜି ଜଣେ ଚାଷୀଙ୍କୁ ମାରିଛି।

ସୂଚନାଯୋଗ୍ୟ ଯେ, ଶୁକ୍ରବାର ଓ ଶନିବାର ରାଏବୋଗା ଏବଂ ବାଙ୍କି ଅଞ୍ଚଳରେ ୨ ଜଣଙ୍କୁ ଦନ୍ତା ହାତୀ ଆକ୍ରମଣ କରି ମାରି ଦେଇଥିବା ବେଳେ ଆଜି ଭୋର ସମୟରେ ରାଉରକେଲା ବନଖଣ୍ଡ ଅଧିନସ୍ଥ ବିଶ୍ରା ବନାଞ୍ଚଳରେ ଜଣେ ଚାଷୀଙ୍କୁ ବିଲରେ ସାର ପକାଉଥିବାବେଳେ ଦନ୍ତା ହାତୀ ଶୁଣ୍ଢରେ ଟେକି କଚାଡ଼ି ଦଳି ମାରି ଦେଇଛି। ମୃତ ଚାଷୀ ହେଉଛନ୍ତି ବିଶ୍ରା ବନାଞ୍ଚଳ କୁକୁଡ଼ା ଗାଁର ଭୋଇପାଲିର ନୀଳମଣି କାଲୋ(୬୫)। ଏହି ଖବର ପାଇବା ପରେ ବନ ବିଭାଗ କର୍ମଚାରୀ, ବିଶ୍ରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ନୀଳମଣିଙ୍କ ପରିବାର ପକ୍ଷରୁ



### ବିଲରେ ସାର ପକାଉଥିବାବେଳେ ଦଳିଦେଲା ହାତୀ

କ୍ଷତିପୂରଣ ଦାବି କରାଯାଇଥିଲାବେଳେ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ଶେଷକୃତ୍ୟ ପାଇଁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେପଟେ ଏହି ଘଟଣାକୁ ନେଇ କୁକୁଡ଼ା ଗାଁରେ ଆତଙ୍କ ଖେଳି ଯାଇଥିବାବେଳେ ବନ ବିଭାଗର ଅପାରଗତା ନେଇ କ୍ଷୋଭ ପ୍ରକାଶ କରାଯାଇଛି। ହାତୀର ଅବସ୍ଥିତି ଜାଣିବା ପାଇଁ ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟରେ ଏଆଇ ବ୍ୟବସ୍ଥା କରାଯାଇଥିବା ବେଳେ ବନ ବିଭାଗ କିପରି ହାତୀର ଅବସ୍ଥିତି ଓ ଗତିବିଧି ବିଷୟରେ ଜାଣି ପାରୁନାହିଁ, ଯଦି ଜାଣି ପାରୁଛି କାହିଁକି ଗ୍ରାମବାସୀଙ୍କୁ ଆଗୁଆ ସୂଚନା ଦେଇନଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଥାଉକି, ଶନିବାର ସକାଳେ ରାଉରକେଲା ବନଖଣ୍ଡ ଅନ୍ତର୍ଗତ ବାଙ୍କି ରେଞ୍ଜର କଛୁପଡ଼ା ଗ୍ରାମ ନିକଟରେ ଏକ ଦନ୍ତା ଆକ୍ରମଣରେ ଶୌଚ ପାଇଁ ଯାଇଥିବା ଯମୁନା ମହାନ୍ତ (୫୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବାଙ୍କି ରେଞ୍ଜର ଓ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

ଶୁକ୍ରବାର ସକାଳ ପ୍ରାୟ ୬ଟାରେ ରାଏବୋଗା ଥାନା ଅନ୍ତର୍ଗତ ଜୟଡେଗା ସାଉନାପଡ଼ା ଗାଁର ୬୫ ବର୍ଷୀୟା ଗ୍ଲୋରିଆ ଟୋପ୍ପୋ ମହୁଲ ଫଳ ସଂଗ୍ରହ କରିବାକୁ ଯାଇ ହାତୀ ହାବୁଡ଼ରେ ପଡ଼ି ପ୍ରାଣ ହରାଇଥିଲେ। ପୁଲିସ ଓ ବନ ବିଭାଗ ଅଧିକାରୀମାନେ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଶେଷକୃତ୍ୟ ପାଇଁ ବନ ବିଭାଗ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

## ଆତଙ୍କ ଖେଳାଉଛନ୍ତି ହାତୀପଲ

### ବାଙ୍କୀ ବନାଞ୍ଚଳରେ ୧୦ ଓ ବିଶ୍ରାରେ ୧୧ରୁ ଊର୍ଦ୍ଧ୍ୱ ହାତୀ

ରାଉରକେଲା ବନଖଣ୍ଡ ଅନ୍ତର୍ଗତ ବାଙ୍କୀ ବନାଞ୍ଚଳରେ ୧୦ରୁ ଅଧିକ ହାତୀ ଥିବା ଏକ ପଲ ବିଚରଣ କରୁଛନ୍ତି। ସେହିପରି ବିଶ୍ରା ବନାଞ୍ଚଳରେ ମଧ୍ୟ ୧୧ଟିରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ସୂଚନା ମିଳିଛି। ସମ୍ପ୍ରତି ହାତୀପଲ ଜଙ୍ଗଲରେ ଅବସ୍ଥାନ କରୁଥିବା ବେଳେ ଖାଦ୍ୟ ଅନ୍ୱେଷଣରେ ଗାଁ ବା ସହର ମୁହାଁ ହେଉଛନ୍ତି। ତେବେ ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି।

ସୂଚନାଯୋଗ୍ୟ ଯେ, ରାଉରକେଲା ବନ ବିଭାଗ ପକ୍ଷରୁ ଏକ ପାଇଲଟ ପ୍ରୋଜେକ୍ଟରେ ଏଆଇ(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) କ୍ୟାମେରା ଇନ୍‌ଷ୍ଟଲ କରାଯାଇଛି। ଜଙ୍ଗଲି ହାତୀଙ୍କ ଗତିବିଧି ଜାଣିବା ପାଇଁ ବିଶ୍ରା ବନାଞ୍ଚଳ ଅଧିନସ୍ଥ ମହିପାଣି, ସୋନାଖାନ୍, ଡାଲାକୁଦର ଓ ଚାନ୍ଦିପୋଷ ଠାରେ ଟାୱାର ସହିତ ହାଇ ଡେଫିନେସନ ଏଆଇ କ୍ୟାମେରା ଲଗାଯାଇଛି। ହାତୀ ଯାତାୟାତ ସ୍ଥାନରେ ବହୁ ଉଚ୍ଚତା ବିଶିଷ୍ଟ ଟାୱାର ବସାଯାଇ ସେଥିରେ ଏଆଇ କ୍ୟାମେରା ଲଗାଯାଇଛି। ଏହି ହାଇ ଡେଫିନେସନ ଏଆଇ କ୍ୟାମେରା ରାତିରେ ୩ରୁ ୫ କିଲୋମିଟର ମଧ୍ୟରେ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ କରିବା ସହିତ ପ୍ରତି ୧୦ ସେକେଣ୍ଡରେ ୩୬୦ ଡିଗ୍ରୀ ରୋଟେଟ୍ କରୁଛି। ହାତୀ ଚଳପ୍ରଚଳ କରୁଥିବା ଜଙ୍ଗଲ ଭିତରେ ଏବଂ ସେମାନଙ୍କ ଯାତାୟାତ ପଥରେ ଜଙ୍ଗଲ ବିଭାଗ ପକ୍ଷରୁ ହାଇ ଡେଫିନେସର ସିସି କ୍ୟାମେରା ଲାଗିଛି। ଏହାକୁ ଅନୁଧ୍ୟାନ କରିବାକୁ ୨୪ଘଣ୍ଟିଆ ବନ କର୍ମଚାରୀ ନିୟୋଜିତ ରହିଛନ୍ତି। ତଥାପି ହାତୀର ଗତିବିଧି ନେଇ ଗ୍ରାମବାସୀ ସୂଚନା ପାଉନାହାଁନ୍ତି। ଯଦି ହାତୀପଲ ଗାଁ ବା ସହର ମୁହାଁ ବେଳେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ଆଗୁଆ ସୂଚନା ଦିଆଯାଇଥାନ୍ତା, ତେବେ ଏହି ୩ ଅମୂଲ୍ୟ ଜୀବନ ଯାଇ ନ ଥାନ୍ତା ବୋଲି ମତ ପ୍ରକାଶ ପାଇଛି।

ଘଟଣା ପରେ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀମାନେ ବନ ବିଭାଗକୁ ଅଧିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ, ଆଗୁଆ ସୂଚନା ବ୍ୟବସ୍ଥା ସୁଦୃଢ଼ କରିବା ସହ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବାକୁ ଦାବି କରିଛନ୍ତି। ବନାଞ୍ଚଳ ସଂଲଗ୍ନ ଗ୍ରାମଗୁଡ଼ିକରେ ହାତୀଙ୍କ ବଢୁଥିବା ଚଳପ୍ରଚଳ ଏବଂ ଜନବସତି ନିକଟକୁ ସେମାନଙ୍କ ପ୍ରବେଶ ଘଟଣା ପୁଣିଥରେ ମଣିଷ-ହାତୀ ସଂଘର୍ଷର ଗମ୍ଭୀର ସମସ୍ୟାକୁ ସାମ୍ନାକୁ ଆଣିଛି। ଗ୍ରାମବାସୀଙ୍କ ସୁରକ୍ଷା ନିଶ୍ଚିତ କରିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ଏବେ ବନ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୬ ଗିରଫ

**ରାଉରକେଲା, ୭।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଭସ୍ମା ଓ ବୀରମିତ୍ରପୁର ଥାନା ଅଞ୍ଚଳରେ ଚାଲିଥିବା ୨ଟି ବଡ଼ଧରଣର ଜୁଆ ଆ‡। ଉପରେ ପୁଲିସ ଚଢ଼ଉ କରି ୬ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ ଲକ୍ଷ ୩ ହଜାର ଟଙ୍କା ଜବତ କରିଛି।

**୨.୩ ଲକ୍ଷ ଟଙ୍କା ଜବତ**

ସୂଚନାଯୋଗ୍ୟ ଯେ, ଭସ୍ମା ଥାନା ପୁଲିସ କିଂଜିରିମା ଜଙ୍ଗଲରେ ଏକ ବଡ଼ଧରଣର ଘୁଡୁଘୁଡି ପଟି ଓ ଜୁଆ ଆ‡। ଚାଲିଥିବା ସୂଚନା ପାଇବା ପରେ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ଉ କରିଥିଲେ। ଶନିବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧ ଲକ୍ଷ ୭୬ ହଜାର ଟଙ୍କା ଜବତ କରିଥିଲା। ଏହାସହ ଏକ ବାଲେନୋ କାର, ୨ଟି ମୋବାଇଲ ଫୋନ, ବିଦେଶୀ ମଦ, ୬ଟି ଜୁଆ ଡିସ୍ ମଧ୍ୟ ଜବତ କରିଥିଲା। ଗିରଫ ଜୁଆଡ଼ି ଦ୍ୱୟ ହେଲେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାମଡ଼ା ଅଞ୍ଚଳର ରାଜେଶ ତୁରି(୩୭) ଏବଂ ନିରଞ୍ଜନ ଟପ୍ପୋ(୪୮)। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସେହିପରି ବୀରମିତ୍ରପୁର ଆର୍‌ସି ଚର୍ଚ୍ଚ ନିକଟସ୍ଥ ଏକ ଗ୍ୟାରେଜ୍‌ରେ ଜୁଆଖେଳ ଚାଲିଥିବା ବେଳେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ ସଦଳବଳ ଚଢ଼ଉ କରି ୪ ଜୁଆଡିଙ୍କୁ ଗିରଫ କରିବା ସହ ୨୬ ହଜାର ୮୦୦ ଟଙ୍କା ଜବତ କରିଥିଲେ। ଏହାସହ ୩ଟି ମୋବାଇଲ ଫୋନ ତାସ ମୁଠା, ଏକ ମ୍ୟାଟ୍ ଜବତ କରାଯାଇଛି।

## ଆରଏସ୍‌ପିର 'ସୃଜନୀ' ଯୋଜନା

# କର୍ମଚାରୀଙ୍କ ଦ୍ୱାରା ୧୬, ୭୦୦ଟି ସୃଜନଶୀଳ ପରାମର୍ଶ

**ରାଉରକେଲା, ୭।୬(ସମିସ):** ଗତ ଆର୍ଥିକ ବର୍ଷ ୨୦୨୫-୨୬ରେ, ସେଲ୍‌ଫ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନଙ୍କ ଠାରୁ 'ସୃଜନୀ ସୃଜନଶୀଳତା ଯୋଜନା' ଅଧୀନରେ ୧୬, ୭୧୨ଟି ସୃଜନଶୀଳ ପରାମର୍ଶ ମିଳିଛି। ଯାହାଦ୍ୱାରା ବିଭିନ୍ନ କ୍ଷେତ୍ରରେ କାରଖାନାର ପ୍ରଦର୍ଶନରେ ସୁଧାର ଅଣାଯାଇପାରିବ।

ଏଥିମଧ୍ୟରୁ ୧୨, ୪୪୨ଟି ପରାମର୍ଶକୁ ପୁରସ୍କୃତ କରାଯାଇଛି ଏବଂ ୯, ୩୬୨ଟି ପରାମର୍ଶକୁ କାର୍ଯ୍ୟକାରୀ କରାଯାଇସାରିଛି। କାର୍ଯ୍ୟକାରୀ ହୋଇଥିବା ପରାମର୍ଶଗୁଡ଼ିକ ପାଇଁ କର୍ମଚାରୀମାନଙ୍କୁ ପ୍ରମାଣପତ୍ର ସହିତ ୨୧, ୧୩, ୯୫୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ଦ୍ୱାରା ଆର୍‌ଏସ୍‌ପି ବହୁ ପରିମାଣର ଅଦୃଶ୍ୟ ଲାଭ ବ୍ୟତୀତ, ପ୍ରାୟ ୮୫.୫୬ କୋଟି ଟଙ୍କାର ଏକକାଳୀନ ଲାଭ ଏବଂ ପ୍ରାୟ ୬୧.୯ କୋଟି ଟଙ୍କାର ଆବର୍ତ୍ତକ ଲାଭ ହାସଲ କରିଛି।

ବିଶେଷ ଭାବରେ, 'ସୃଜନୀ' ସୃଜନଶୀଳ ଯୋଜନା କାରଖାନାର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ର ଯେପରିକି ସୁରକ୍ଷା, ପରିବେଶ, ହାଉସକିପିଂ, ଗୁଣବତ୍ତା, ପ୍ୟାକେଜିଂ, ସେବା,




ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପଦ୍ଧତି, ଉତ୍ତମ ବ୍ୟବହାର ଓ ଉତ୍ପାଦନ ବ୍ୟବସ୍ଥା ଏବଂ ପ୍ରଣାଳୀ ଇତ୍ୟାଦି ଉପରେ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ କର୍ମଚାରୀଙ୍କ ବ୍ୟାପକ ଅଂଶଗ୍ରହଣ ଏବଂ ଅବଦାନକୁ ପ୍ରୋତ୍ସାହିତ କରିଥାଏ। ଏହା ସହିତ ଏହି ଯୋଜନା ଶକ୍ତି, ବିଦ୍ୟୁତ, କଞ୍ଚାମାଲ, ତେଲ ଏବଂ ଲୁବ୍ରିକାଣ୍ଟସ୍ ଇତ୍ୟାଦିର ସଂରକ୍ଷଣ ଏବଂ ବ୍ୟୟ ହ୍ରାସ ସହ ବର୍ଜ୍ୟବସ୍ତୁର ପୁର୍ନବ୍ୟବହାର/ ଉପଯୋଗ କିମ୍ବା ନିଜର କାର୍ଯ୍ୟକ୍ଷେତ୍ରର ସୁଧାର ସମ୍ବନ୍ଧୀୟ ଯେକୌଣସି ନୂତନ ଚିନ୍ତାଧାରାକୁ ବିଚାରକୁ ନେଇଥାଏ।

## ବାବା ଆଶୁତୋଷ ଓ ମା' ପାର୍ବତୀଙ୍କ ନିର୍ବନ୍ଧ ସମ୍ପନ୍ନ



**କୁତ୍ରା, ୭।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସଦରମହକୁମା କୁତ୍ରା ବ୍ଲକ କଲୋନୀଠାରେ ବାବା ଆଶୁତୋଷଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଆଡମ୍ବର ସହିତ ବାବା ଆଶୁତୋଷ ଓ ମା' ପାର୍ବତୀଙ୍କ ନିର୍ବନ୍ଧ କାର୍ଯ୍ୟକ୍ରମ ସମ୍ପନ ହୋଇଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶୀତଳଷଷ୍ଠୀ ଦିନ ବାବା ଆଶୁତୋଷ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ପାଳନ ହେବ। ଏଥିପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ ରବିବାର କୁତ୍ରା ବ୍ଲକ କଲୋନୀଠାରେ ଥିବା ବାବା ଆଶୁତୋଷଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ କରାଯାଇଥିଲା। ଏବର୍ଷ ବାବା ଆଶୁତୋଷଙ୍କ ପିତା ଭାବରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖା ଦାୟିତ୍ୱ ତୁଲାଉଥିବା ବେଳେ ମା' ପାର୍ବତୀଙ୍କ ପିତା ଭାବରେ ବରିଷ୍ଠ ସାମ୍ବାଦିକ ପଙ୍କଜ କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ। ରବିବାର ଅନୁଷ୍ଠିତ ନିର୍ବନ୍ଧ କାର୍ଯ୍ୟକ୍ରମରେ ପୂଜକ ଭାବରେ ଦେବେନ୍ଦ୍ର ପାଣିଗ୍ରାହୀ, କିଶୋର ପୁରୋହିତ ଓ ସୁମିତ ପୁରୋହିତ ଉପସ୍ଥିତ ରହି ବୈଦିକ ବିଧିବିଧାନ ଅନୁସାରେ କାର୍ଯ୍ୟକ୍ରମ ସମାପନ କରିଥିଲେ। କାର୍ଯ୍ୟକ୍ରମରେ କୁତ୍ରାର ବହୁ ମାତ୍ରାରେ ମହିଳା ଓ ପୁରୁଷ ଭକ୍ତ ଉପସ୍ଥିତ ରହି ନିର୍ବନ୍ଧ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଶୀତଳଷଷ୍ଠୀ ପରିଚାଳନା କମିଟିର ସଭ୍ୟ ମହେନ୍ଦ୍ର ଦାସ, କାହ୍ନୁଚରଣ ସାହୁ, ପ୍ରମୋଦ ସ୍ୱାଇଁ, ପ୍ରଶାନ୍ତ ସାହୁ, ସୁରେନ୍ଦ୍ର ପ୍ରଧାନ, ବଦ୍ରିନାରାୟଣ ପୃଷ୍ଟି, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜା ଧରଣୀଧର ଓ କେନାଭେଟା ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

**ବଣାଇଁ, ୭।୬(ସମିସ):** ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ଏବଂ କେନାଭେଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ।

ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଣାଇ ରାଜା ସାହେବ ବୀରକେଶରୀ ଇନ୍ଦ୍ର ଦେଓ ଦେବ, ଉପଜିଲ୍ଲାପାଳ ଅଶୋକ କୁମାର ଦାସ, ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ ଉପାଧକ୍ଷା ବିନତୀ ବେହେରା, ବିଜେପି ବଣାଇଁ ମଣ୍ଡଳ ସଭାପତି ମିଥିଳା ପାତ୍ର, ବଣାଇଁ ବିଧାୟକଙ୍କ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ସମିତି ସଭ୍ୟ ରୁଦ୍ରଚରଣ ମାଝୀ, ଡିଏସ୍‌ଏସ୍ ଚନ୍ଦ୍ରଶେଖର ସାହୁ, ବିଇଓ ସୁନୀଲ ମୁଣ୍ଡଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ଶୁଭେନ୍ଦ୍ରନାଥ ମଲ୍ଲିକ,



ବିନୟ କୁମାର ଦାସ, ବିଜନ କୁମାର ସେନ, ରାଜେନ୍ଦ୍ର ଆଚାର୍ଯ୍ୟ, ଏମ.ଡି. ସିରାଜ ଖାନ୍ ଓ ବିଦ୍ୟାଳୟ ସଭାପତି ଆହ୍ଲାଦ କୁମାର ବଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମୋନାଲିସା ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତି ମଞ୍ଜରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କେନାଭେଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଦଶରଥ ନାୟକ, ସଭାପତି ରଘୁନାଥ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ଅହିରାବନ୍ଧ ରଥଖଳାରେ ଅଖ-ଚକ ପୂଜା

**ରାଉରକେଲା, ୭।୬ (ସମିସ):** ଇସ୍ପାତ ସହର ରାଉରକେଲାର ସର୍ବପ୍ରାଚୀନ ଦେବପୀଠ ଅହିରାବନ୍ଧରେ ସ୍ଥାପିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମା' ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ବଳଭଦ୍ରଙ୍କ ମନ୍ଦିରରେ ରଥଯାତ୍ରା ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଆସୁଛି। ତିନୋଟି ରଥରେ ମହାପ୍ରଭୁ ବିରାଜମାନ ହୋଇ ଆମ୍ବାଗାନ ସ୍ଥିତ ମାଉସୀ ମା' ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି। ଅହିରାବନ୍ଧ ଜଗନ୍ନାଥ ମନ୍ଦିରର ସବୁ ନୀତିକାନ୍ତି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ପ୍ରାୟ ଅନୁକରଣ କରି ସମାପନ କରାଯାଇଥାଏ। ରଥଯାତ୍ରା ଆଉ ଏକ ମାସ ୧୦ ଦିନ ରହିଥିବା ବେଳେ ସେକ୍ଟର-୩ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଆଜି ପୂର୍ବାହ୍ନରେ ଅଖ ଚକ ପୂଜା ସମ୍ପନ୍ନ ହୋଇଛି। ମୁଖ୍ୟ ପୂଜକ ଭାବେ ଜଗନ୍ନାଥ ମନ୍ଦିରର ବଡ଼ପଣ୍ଡା ତ୍ରିନାଥ ପାଢ଼ୀ ଓ ପ୍ରଶାନ୍ତ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ମୁଖ୍ୟ ରଥ କାରିଗର ଭିକାରୀ ମହାରଣା, ଡମ୍ବରୁ ମହାରଣାଙ୍କ ସମେତ ଅନ୍ୟାନ୍ୟ ବଢ଼େଇ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ଏହି ପୂଜା ଅବସରରେ ମହାରଣାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୀର୍ତ୍ତନ ମଣ୍ଡଳୀ ଓ ମନ୍ଦିର ସେବାୟତ କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।



## ରାଉରକେଲା ଅସ୍ମିତା ସାଇକଲ ପ୍ରତିଯୋଗିତା




**ରାଉରକେଲା, ୭।୬(ସମିସ):** କେନ୍ଦ୍ର କ୍ରୀଡ଼ା ବିଭାଗ ଦ୍ୱାରା ସମସ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକଲ ପ୍ରତିଯୋଗିତା ଆୟୋଜନ ହେଉଥିବା ପରିପ୍ରେକ୍ଷୀରେ ରାଉରକେଲାରେ ପ୍ରଥମ ଥର ପାଇଁ ଆଜି ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଓଡ଼ିଶା ସାଇକେଲିଂ ସଂଘର ଉପସଭାପତି ନରସିଂହ ସାହୁ ଓ ରାଉରକେଲା ସାଇକେଲିଂ କ୍ଲବର ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ରବିବାର ସ୍ଥାନୀୟ ଟେଲିଫୋନ ଭବନ ଛକରୁ ସାଇକଲ ରାଲି ବାହାରି ସେକ୍ଟର -୧୩ ସ୍ୱେସ ଛକ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ଯାଇଥିଲା। ଏହି ପ୍ରତିଯୋଗୀତାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଦୁଇଟି ବର୍ଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ଜାତୀୟ ସାଇକେଲିଷ୍ଟ ସୁରେନ୍ଦ୍ର ରାଜା ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଇକେଲିଷ୍ଟ ଦେବାଶିଷ ଜେନା, ସୂର୍ଯ୍ୟ ପାଢ଼ୀ, ଲିଙ୍ଗରାଜ ଷଡଙ୍ଗୀ, ପୂର୍ବତନ ଆଥଲେଟ ଶ୍ରୀୟ କୋହେଲି ଓ ଶିକ୍ଷାବିତ୍ କାମାକ୍ଷା ନାରାୟଣ ଚୌବେ, ଅଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜୁନିୟର ବର୍ଗରେ ଅସନ୍ତି ତିର୍କୀ, ପ୍ରଭା ସୋରେନ, ଶେଷାଦ୍ରୀ ପାଣ୍ଡେ ଏବଂ ସିନିୟର୍ ବର୍ଗରେ ସ୍ନେହା ଖାଡ଼ିଆ, ପୂଜା ଓରାମ ଓ ପ୍ରିୟଙ୍କା କେରକେଟା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ୭ମ ରାତ୍ରକାଳୀନ କୋଇଡ଼ା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବିଏଲ୍ ଜାଗୁଆର ବଲାଣି ଚାମ୍ପିଅନ

କୋଇଡ଼ା, ୭।୬(ସମିସ)

କୋଇଡ଼ା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ଆନୁକୂଲ୍ୟରେ ସପ୍ତମ ରାତ୍ର କୋଇଡ଼ା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୬ ସ୍ଥାନୀୟ ଗୋପବନ୍ଧୁ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨ ଜୁନ୍‌ରୁ ପ୍ରାରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ସମେତ ଅନ୍ୟ ଅତିଥିଗଣ ଯୋଗଦେଇ କୋଇଡ଼ାରେ କ୍ରୀଡ଼ାର ବିକାଶ ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିବା ଆୟୋଜକ କୋଇଡ଼ା କ୍ରିକେଟ ଆସୋସିଏସନ ଟ୍ରଷ୍ଟକୁ ଧନ୍ୟବାଦ ଦେବା ସହ ପଡ଼ିଆ ମଧ୍ୟରେ ପହଞ୍ଚି ସେମିଫାଇନାଲିଷ୍ଟ




ଦଳମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ। ଜାତୀୟ ଅନ୍ତର୍ଜାତୀୟ ଖେଳାଳି ସହ ରାତ୍ରିକାଳୀନ ମ୍ୟାଚ୍ ଖେଳାଯାଉଥିବାରୁ ଖେଳାଳି ଓ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା।

ଫାଇନାଲ ମ୍ୟାଚ୍ ବିଏଲ୍ ଜାଗୁଆର ବଲାଣି ବନାମ କେସିଏଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବିଏଲ୍ ଜାଗୁଆର ଦଳ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇ ଚଳିତ ବର୍ଷ ଚାମ୍ପିୟନ୍ ହୋଇଥିଲେ। ଅତିଥି ଗଣ ବିଜେତା ଦଳକୁ ୧ ଲକ୍ଷ ନଗଦ ସହ ଟ୍ରଫି ଓ ଉପବିଜେତା ଦଳକୁ ୭୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ କେରଳମ୍‌ର ତାରକା ଖେଳାଳି ରିୟାଜ ମଲିଙ୍ଗା ସମେତ ଶ୍ରେଷ୍ଠ ଫିଲ୍ଡର, ସିକ୍ସର୍, କିପର୍ ଆଦିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସିଧାପ୍ରସାରଣ ଘରେ ବସି ଲୋକ

### କ୍ରୀଡ଼ାର ବିକାଶରେ କୋଇଡ଼ାର ଭୂମିକା ଅନନ୍ୟ- ଜୁଏଲ ଓରାମ

ବେଶ୍ ଉପଭୋଗ କରିଥିଲେ। କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ପକ୍ଷରୁ ସଭାପତି ରାଜେନ୍ଦ୍ର ରଣା, ରାଜେଶ ଜୟସ୍ୱାଲ, ଦୀପକ ବାର୍ଲା, କପିଲ ଦାସ, ଭକ୍ତ ବାରିକଙ୍କ ସମେତ ବରିଷ୍ଠ ଓ କନିଷ୍ଠ ସମସ୍ତ ସଦସ୍ୟଗଣ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ନଳକୂପ ଖନନକୁ ନେଇ ତୁମୂଳକାଣ୍ଡ; ୩ ଆହତ

**କେସିଙ୍ଗା, ୭।୬ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଗାଇଗାଁ ଠାରେ ଏକ ନଳକୂପ ଖନନକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ପୂର୍ବତନ ସରପଞ୍ଚଙ୍କ ସମେତ ତାଙ୍କ ପରିବାରର ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ କେସିଙ୍ଗା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, କେସିଙ୍ଗା ବ୍ଲକର ଗାଇଗାଁରେ ଜିଲ୍ଲା ପରିଷଦ ଫଣ୍ଡରୁ ଗ୍ରାମରେ ଏକ ନଳକୂପ ଖନନ ପାଇଁ ମଞ୍ଜୁରି ମିଳି ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଖନନ ସମୟରେ ଗାଇଗାଁର ପ୍ରମୋଦ କୁମାର ସାହୁ ଓ କିଛି ଗ୍ରାମବାସୀ ନଳକୂପ ଖନନ ହେଉଥିବା ସ୍ଥାନଟି ବେସରକାରୀ ସ୍ଥାନ ଓ ନଳକୂପ ଖନନ ପରେ ଗ୍ରାମବାସୀଙ୍କ କାମରେ ଆସିବ ନାହିଁ ବୋଲି କହିଥିଲେ। ଫଳରେ ଗାଇଗାଁ ଛକରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ପାଟିତୁଣ୍ଡରୁ ଆରମ୍ଭ ହୋଇଥିବା ଉକ୍ତ ବିଷୟ ମାରପିଟ ଓ ଆକ୍ରମଣରେ ଶେଷ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ପ୍ରମୋଦ ସାହୁ ତାଙ୍କ ଭାଇ ଆନନ୍ଦ ସାହୁ ଓ ତାଙ୍କ ବୃଦ୍ଧ କାକା ଦୟନିଧି ସାହୁଙ୍କୁ ଲୁହାଛଡ଼ ଓ ତଲବାର ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ସମସ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଦେଇଥିବା ପୂର୍ବତନ ସରପଞ୍ଚ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେସିଙ୍ଗା ମେଡିକାଲ ସୂତ୍ରରୁ ଜଣାପଡ଼ିଛି ଯେ ସମସ୍ତଙ୍କୁ ଗଭୀର ଆଘାତ ଲାଗିଛି ଓ ତିନି ଜଣଙ୍କ ମଧ୍ୟରୁ ପୂର୍ବତନ ସରପଞ୍ଚଙ୍କ ଭାଇଙ୍କୁ ଭବାନୀପାଟଣା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।



ଅନ୍ୟପଟେ ଅନ୍ୟ ଗୋଷ୍ଠୀ ମଧ୍ୟ ଆକ୍ରମଣର ଶିକାର ହୋଇ ଚିକିତ୍ସା ପାଇଁ ପ୍ରଥମେ ପାଷ୍ଟିକୁଡ଼ି ମେଡିକାଲକୁ ଯାଇ ଫେରିଲା ପରେ ଉତ୍କେଲା ଫାଣ୍ଡିରେ ପୂର୍ବତନ ସରପଞ୍ଚ ଓ ତାଙ୍କ ପରିବାର ହକି ବାଡ଼ିରେ ଆକ୍ରମଣ କରି ତେଜରାଜ ସା, ପ୍ରଶାନ୍ତ ସା, ଭାଗୀରଥି ସାଙ୍କୁ ମାଡ଼ ମାରି ଆହତ କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

**ସଙ୍କଟରେ କଳାହାଣ୍ଡି ଚାଷୀ**

# ମଣ୍ଡିରେ ଧାନ ଉଠୁଛି କମ୍; ରହୁଛି ଅଧିକ

**ଭବାନୀପାଟଣା, ୭।୬(ସମିସ)**

କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରି ନାହିଁ। କେଉଁଠି ତହସିଲ ଅଫିସ ଘେରଉ ହେଉଛି ତ ଅନ୍ୟ କେତେକସ୍ଥାନରେ ଧାନକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ମଣ୍ଡିରେ ୬ କେଜି କଟ୍‌ନିଛଟନି ତଳକୁ ଖସିଲେ ମିଲର୍ସ ଅମଙ୍ଗ ହୋଇ ମଣ୍ଡିକୁ ଆସୁନାହାନ୍ତି। ଏଜେଣ୍ଟ ମୁହଁ ଫେରାଇ ଚାଲିଯାଉଛନ୍ତି। ଏଭଳି ସ୍ଥିତିଠାରୁ ଆହୁରି ସାଙ୍ଘାତିକ ପରିସ୍ଥିତି ଆଗକୁ ଦେଖାଦେବ। ଜିଲ୍ଲା ଯୋଗାଣ ବିଭାଗ ତଥା ପ୍ରଶାସନ କୌଣସି ପ୍ରକାରେ ୧୫ଲକ୍ଷ କ୍ୱିଣ୍ଟାଲ ଧାନ ଉଠାଇବାକୁ ଅଲିଖିତ ଚୁକ୍ତି କରି ମିଲର୍ସଙ୍କୁ ବୁଝାଇଥିବା କୁହାଯାଇଛି। ତେବେ ଚଳିତରବି ଋତୁରେ ପ୍ରାୟ ୪୫ଲକ୍ଷ କ୍ୱିଣ୍ଟାଲ ଧାନ ମଣ୍ଡିକୁ ଆସିବା ସମ୍ଭାବନା ରହିଛି। ପ୍ରଥମ ଦଫାରେ ୧୫ଲକ୍ଷ କ୍ୱିଣ୍ଟାଲ ଧାନ ଉଠିବା ପରେ ବଳକା ଧାନ ଚାଷୀ କୁଆଡେ ନେବେ। ରାଜ୍ୟ ସରକାର ଓ ମିଲର୍ସଙ୍କ ମଧ୍ୟରେ ସମ୍ପର୍କ ଜାଣିବା ମୁସ୍କିଲ ହୋଇପଡ଼ିଛି। କାହା ଇଶାରାରେ କିଏ ନାଚୁଛି ଜଣାପଡୁନାହିଁ। ଖରିଫ ସମୟରେ ମିଲର୍ସମାନେ ସ୍ଥାନ ଅଭାବ ଓ ପରିବହନ ଖର୍ଚ୍ଚ ସହିତ ଅନ୍ୟ ସବୁ ଦାବି ଉପସ୍ଥାପନ କରି ଧର୍ମଘଟ କରି ସରକାରଙ୍କୁ ଚେତାଇଥିଲେ। ପରେ ଆପୋଷ ବୁଝାମଣା ଭିତରେ ମଣ୍ଡି ଚାଲିଲା। ଏବେ ମଧ୍ୟ ରବି ଧାନ ଉଠାଇବାବେଳେ ସେହି ସମାନ ଧର୍ମଘଟ ଆନ୍ଦୋଳନ କଥା କହି ସରକାର ଯେମିତି ଚିନ୍ତାରେ ପଡନ୍ତୁବୋଲି ମିଲର୍ସ ଭାବୁଛନ୍ତି। ଯଦି ମୁଠେ ଧାନ ରଖିବା ପାଇଁ ସ୍ଥାନ ନଥିବା କଥା କହୁଥିଲେ ତାହା କେମିତି ଏବେ ସମ୍ଭବ ହେଲା? ସେପଟେ ବର୍ଷା ଆସିବା ଭୟରେ ଚାଷୀଙ୍କ ବିକଳ ଅବସ୍ଥା, ପ୍ରଶାସନ ଚାହୁଁଛି ସୁରୁଖୁରୁରେ କିଛି ଧାନ ଉଠିଯାଉ। ସେପରି ସ୍ଥିତିରେ ଚାଷୀ ହଟହଟା ହେବା ନିଶ୍ଚିତ। ମଣ୍ଡିରେ ଧାନ ୬ କେଜି କଟ୍‌ନିଛଟନିକୁ ବାଧହୋଇ ରାଜି ହେବା ସତ୍ତ୍ୱେ ଧାନ ଉଠୁନାହିଁ। ଟୋକନ ପାଇବା ପରେ ନିର୍ଦ୍ଧାରିତ ଦିନରେ ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି। ମାତ୍ର ମଣ୍ଡିକୁ ଯେଉଁ ଅନୁପାତରେ ଧାନ ଆସୁଛି, ସେହି ଅନୁପାତରେ କିଣାଯାଉ ନାହିଁ କିମ୍ବା ମଣ୍ଡିରୁ ଉଠାଯାଉ ନାହିଁ। ମଣ୍ଡିଗୁଡିକରେ ଦିନଦିନ ଧରି ବିକ୍ରି ଅପେକ୍ଷାରେ ବହୁ ପରିମାଣର ଧାନ ପଡ଼ିରହୁଛି। ଧାନ ବିକ୍ରି ହେବା ଆଶାରେ ଚାଷୀ ଅନ୍ୟ କାମଧନ୍ଦା ଛାଡ଼ି ମଣ୍ଡିକୁ ଧାଉଁଛନ୍ତି, ମାତ୍ର ବିକ୍ରି ନ ହେବା ଯୋଗୁଁ ଚାଷୀମାନଙ୍କୁ ପୁଣି ନିରାଶ ହୋଇ ଘରକୁ ଫେରିବାକୁ ପଡୁଛି। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୬୯୩୫ ଜଣ ଚାଷୀ ୪ଲକ୍ଷ ୨୭ ହଜାର ୧୩୧ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିବା ଜଣାପଡ଼ିଛି। ଜିଲ୍ଲାର ସମୁଦାୟ ୧୬୩ଟି ମଣ୍ଡି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୫୪ଟି ମଣ୍ଡି ଖୋଲିଛି। ସେହିପରି ନିଯୁକ୍ତ ଥିବା ୯୭ଟି ମିଲର୍ସ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭୯ଟି ମିଲର୍ସ ମଣ୍ଡି କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି। ତେବେ ଗତବର୍ଷ ରବିରେ ଏହି ତାରିଖରେ ୧୫ ହଜାର ୪୧୯ ଚାଷୀ ୧୦ ଲକ୍ଷ ୬୬ ହଜାର



**୬୯୩୫ ଜଣ ଚାଷୀଙ୍କ ଉଠିଛି ୪ଲକ୍ଷ ୨୭ ହଜାର କୁଇଣ୍ଟାଲ**

୨୦୨ କୁଇଣ୍ଟାଲ ଧାନ ବିକ୍ରିକରି ସାରିଥିଲେ। ଏହି ରିପୋର୍ଟକୁ ଦେଖିଲେ ଚଳିତ ରବି ଧାନ ସଂଗ୍ରହ ପ୍ରକ୍ରିୟା ଗତବର୍ଷ ରବି ଠାରୁ ବହୁ ପଛରେ ଚାଲିଥିବା ଜଣାଯାଏ। ଅନ୍ୟପକ୍ଷରେ, ଜିଲ୍ଲାରେ ଅପରାହ୍ନ ହେଲେ ତୁହାକୁ ତୁହା ଝଡ଼ବର୍ଷା ମାଡ଼ି ଆସୁଥିବାରୁ ସ୍ଥାନୀୟ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକଙ୍କୁ ପଚାରିବାରୁ ଆସ୍ତେ ଆସ୍ତେ ମଣ୍ଡିରେ ଧାନ କିଣା ସ୍ୱାଭାବିକ ହେଉଛି। ସମୁଦାୟ ରବିଧାନ ଚଳିତବର୍ଷ ମଣ୍ଡିରେ କେତେ ଉଠିବ କୌଣସି ସଠିକ୍ ଆକଳନ କରିହେବ ନାହିଁ। ଚାଷୀ ପୁଣିଥରେ ବଡ଼ ସମସ୍ୟାକୁ ସାମ୍ନା କରିବା ଆଶଙ୍କାକୁ ମଧ୍ୟ ଏଡେଇଦେଇ ହେବନାହିଁ।

# ସର୍ଗିଗୁଡ଼ାରେ ବାଆଦି ଦେବଙ୍କ 'ତେଲ ହଳଦୀ ଯାତ୍ରା'

**କୋକସରା, ୭।୬(ସମିସ):** ମାଟି ମହକିବ, ଆକାଶରୁ ବର୍ଷାର ଅମୃତ ଧାରା ଝରିବ, ଆଉ ଚାଷୀ ଭାଇର ମୁହଁରେ ହସ ଫୁଟିବ, ଏହି ବିଶ୍ୱାସକୁ ବୁକୁରେ ସାଉଁଟି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ସର୍ଗିଗୁଡ଼ାଠାରେ ଚଳିତବର୍ଷ ମଧ୍ୟ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି ବାଆଦି ଠାକୁରଙ୍କ ବାର୍ଷିକ 'ତେଲ ହଳଦି ଯାତ୍ରା'। ଆଦିବାସୀ ବହୁଳ ଏହି ସଂସ୍କୃତି ସମ୍ପନ୍ନ ଅଞ୍ଚଳରେ ଦେବାଦେବୀଙ୍କ ସ୍ଥାନ ସବୁବେଳେ ସ୍ୱତନ୍ତ୍ର। ପୂର୍ବପୁରୁଷଙ୍କ ସମୟରୁ ଚାଲିଆସୁଥିବା ଏହି ଭବ୍ୟ ଯାତ୍ରାକୁ ଅଞ୍ଚଳବାସୀ ଆଜି ବି ଅତି ଆଦରର ସହ ଜୀବନ୍ତ ରଖିଛନ୍ତି। ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନଙ୍କ କହିବା ଅନୁସାରେ, ପୂର୍ବରୁ ଅକ୍ଷୟ ତୃତୀୟା ଠାରୁ ଦୀର୍ଘ ୧୨ଟି ରବିବାର ବିତିବାପରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିଲା। ମାତ୍ର ସମୟଚକ୍ରର ପରିବର୍ତ୍ତନ ସହ ଏବେ ଏହା ବୈଶାଖ ମାସ ତୃତୀୟା ଠାରୁ ସପ୍ତମ ରବିବାରରେ ସମାପନ କରାଯାଉଛି। ଏହି ଯାତ୍ରାରେ ବାଆଦି ଠାକୁର ମୁଖ୍ୟ ଦେବତା ଭାବେ ପୂଜା ପାଉଥିବା ବେଳେ ଠାକୁରାଣୀ, ମାଟି ଦେବତା ଓ ବାରଭାଇ ଭିମସେନଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ। ଚାଷ କାର୍ଯ୍ୟଆରମ୍ଭ ପୂର୍ବରୁ ଏହି ପୂଜାକଲେ ଭଲ ବର୍ଷା ହେବାସହ ଆଗାମୀ ଋତୁରେ ଉତ୍ତମ ଫସଲ ହେବ ଏବଂ ଅଞ୍ଚଳରେ ସୁଖ ଶାନ୍ତି ବିରାଜମାନ କରିବ ବୋଲି ଦୃଢ଼ ଜନବିଶ୍ୱାସ ରହିଛି। ତେଲ ହଳଦିର ପବିତ୍ର ବିଧି ସମାପ୍ତ ହେବାପରେ ପାରମ୍ପାରିକ 'ଡାଲ ବୋହଲେନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ନୀତିକାନ୍ତିକୁ ମୁଖ୍ୟ ପୂଜକ ଦେବ ପୂଝାରୀ, ପାରେଶ୍ୱର ପୂଝାରୀ ଏବଂ ପିତାମ୍ବର ପୂଝାରୀ ଅତ୍ୟନ୍ତ ନିଷ୍ଠାର ସହ ସମ୍ପାଦନ କରିଥିଲେ। କମିଟି ସଭାପତି ଧନବଲ ରାଜ ସିଂ, ଉପସଭାପତି ସହଦେବ ମାଝୀ, ସମ୍ପାଦକ ଶିବ ମାଝୀ, ସହ ସମ୍ପାଦକ ପ୍ରଫୁଲ୍ଲ ନାଏକ, କୋଷାଧ୍ୟକ୍ଷ ରତନ ଦିଶାରୀ ଏବଂ ମୁଖ୍ୟ ସଚେତକ ଋଷିମଣି ମାଝୀ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ଧବ ନାଏକ, ଧନବଲ ମାଝୀ, ଲଳିତ ନାଏକ, ପରକ୍ଷୀତ ବେଶ୍ରା, ଭୁଦେବ ବାଣୁଆ, କରୁଣ ଦିଶାରୀ, ତରୁଣ ମାଝୀ, କୃତିବାସ ମାଝୀ, ଦୁର୍ଯୋଧନ ବାଗ, ଡମ୍ବରୁଧର ମାଝୀ, ଚନ୍ଦ୍ରମଣି ବେଶ୍ରା, ହନୁମାନ ବାଗ, ବେଣୁଧର ନାଏକଙ୍କ ସମେତ ସର୍ଗିଗୁଡ଼ା, ଦାବ୍ରିଗୁଡ଼ା ଓ ଆଖପାଖ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

# ଖଡ଼ିଆଳ ବନ ବିଭାଗର ସାଇକଲ ଶୋଭାଯାତ୍ରା



**ଖଡ଼ିଆଳ, ୭।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନାଞ୍ଚଳଠାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଶ୍ୱ ସାଇକଲ ଦିବସ ଖଡ଼ିଆଳ ଏସିଏଫ୍ ପ୍ରଶ୍ନଜିତ ନଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଡ. ନିବେଦିତା ପରମାଣିକ ଉଦ୍‌ଘାଟନ କରିଥିଲେ। ପରେ ଖଡ଼ିଆଳ ରେଞ୍ଜର ସୀତାରାମ ସବରଙ୍କ ନେତୃତ୍ୱରେ ଖଡ଼ିଆଳ ମିଶନଠାରୁ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଚାରି କିମି ସାଇକଲ ଶୋଭାଯାତ୍ରା ବାହାରେ ସଚେତନତା ବାର୍ତ୍ତା ଦେଇ ଉଦ୍‌ଯାପିତ ହୋଇଥିଲା। ଏହି ବାଇ ସାଇକଲ ଯାତ୍ରାର ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟର ବାର୍ତ୍ତା ପ୍ରଦାନ କରିବା। ଏସିଏଫ୍ ଶ୍ରୀ ନାଏକ ସାଇକଲ ଚଳାଇବା ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ ଫରେଷ୍ଟର ସୁଦାମ କୁମାର ବାଗ, ଖଗେଶ୍ୱର ମାଝୀ, ଦୁର୍ଯ୍ୟୋଧନ ଦିକ୍ଷିତ, ମହାଦେବ ବନଛୋର, ଶିବରାମ ପଟେଲ, ଘନଶ୍ୟାମ ଶବର, ରାଜେଶ ହରିଜନ ଓ ସମସ୍ତ ବନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

**୭୨ତମ ରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା**

# ଦିନେଶଙ୍କୁ ରୌପ୍ୟ ପଦକ

**ନୂଆପଡ଼ା, ୭।୬(ସମିସ):** କଟକ ରିଜର୍ଭ ପୁଲିସ ପଡ଼ିଆରେ ଜୁନ୍ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଖେଳକୁଦ ପ୍ରତିଯୋଗିତାରେ ନୂଆପଡ଼ା ଜିଲ୍ଲା ଦଳ ଭାଗ ନେଇଥିବାବେଳେ ଏଠିକାର ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଦୌଡ଼କୁଦ ୪ ଜଣିଆ ଦଳରେ ୩ ଜଣ ବରିଷ୍ଠ/୨୩ବର୍ଷ ବୟସରୁ ଉର୍ଦ୍ଧ୍ୱ ଖେଳାଳିଭାବେ ସାରାବଙ୍ଗ ଗ୍ରାମର ଦିନେଶ ରାଉତ, ପରସଖୋଲ ଗ୍ରାମର ଯଶବନ୍ତ ରାଉତ, ଝାଲବାହାଲ ଗ୍ରାମର କବୀର ସାହୁ ଏବଂ ପ୍ରଶିକ୍ଷକ ତଥା ମ୍ୟାନେଜର ଭାବେ ସରକାରୀ ଉଚ୍ଚବିଦ୍ୟାଳୟ ମାଗୁର ପାଣିର ଶାରୀରିକ ଶିକ୍ଷା ଶିକ୍ଷକ ମହତାବ ଆଡ଼ୟୁଆଡ ଭାଗ ନେଇଛନ୍ତି। ପ୍ରଥମ ଦିନର ଖେଳରେ ଦିନେଶ ରାଉତ ୫୦୦୦ମିଟର ଦୌଡ଼ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟପଦକ ହାସଲ କରିଛନ୍ତି। ତୃତୀୟ ଦିନରେ ଦିନେଶ ରାଉତ ପୁଣି ୩୦୦୦ ମିଟର ଷ୍ଟିପଲ ଚେଜ ଦୌଡ଼ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟପଦକ ହାସଲ କରିଛନ୍ତି।




# ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ପ୍ରସ୍ତୁତି

**ଭବାନୀପାଟଣା, ୭।୬(ସମିସ):** ସ୍ଥାନୀୟ ହିଲ୍‌ଟାଉନ୍ ପୂର୍ବଲେନ ୩ରେ କଳାହାଣ୍ଡି ପତଞ୍ଜଳି ଯୋଗ ସମିତି ତଥା ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ମିଳିତ ସହଯୋଗରେ ଏକ ସାମୂହିକ ଯୋଗ ଅଭ୍ୟାସ ଆୟୋଜିତ ହୋଇଥିଲା। ଆସନ୍ତା ୨୧ ଜୁନରେ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସ ପାଳନକୁ ବ୍ୟାପକ ତଥା ଘରେ ଘରେ ଯୋଗର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରାରମ୍ଭିକ ପ୍ରୟାସ ଥିଲା। କାର୍ଯ୍ୟକ୍ରମକୁ ପତଞ୍ଜଳି ଜିଲ୍ଲା ଯୋଗ ସମିତି ପ୍ରଭାରୀ ଡା. ନିହାରେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମୁଣ୍ଡ, ଜିଲ୍ଲା ମହାମନ୍ତ୍ରୀ ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ଜିଲ୍ଲା ଯୋଗ ସହପ୍ରଭାରୀ ଶୁଭ୍ରାଂଶୁ ଶେଖର ସାହୁ, ଉପପ୍ରଭାରି ହେମନ୍ତ ମିଶ୍ର, ମିଡିଆ ପ୍ରଭାରୀ ଜିତେନ୍ଦ୍ର ମୁଣ୍ଡ, କୃଷକ ମୋର୍ଚ୍ଚା ପ୍ରଭାରୀ ନାରାୟଣ ମୁଣ୍ଡ, କୋଷାଧ୍ୟକ୍ଷ ରମାକାନ୍ତ ପାଢ଼ୀ, ନଗର ପ୍ରଭାରୀ ଶିବରାମ ନାୟକ, ଭବାନୀପାଟଣା ସହରର ବିଭିନ୍ନ ଯୋଗ କ୍ଲାସର ଶିକ୍ଷକ /ଶିକ୍ଷୟତ୍ରୀ, ହିଲ୍ ଟାଉନ୍ ସିଭିଲ ସୋସାଇଟିର ସଭାପତି ଅଶୋକ ରାଉତ, ସମ୍ପାଦକ ଜଗଦୀଶଚନ୍ଦ୍ର ମୁଣ୍ଡ ତଥା ଶତାଧିକ ଯୋଗୀ ଭାଇଭଉଣୀମାନେ ଉପସ୍ଥିତ ଥିଲେ। ରହି ଯୋଗ କାର୍ଯ୍ୟକ୍ରମକୁ ସଫଳ କରି ଥିଲେ। ସେହିପରି ସନ୍ଧ୍ୟାରେ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମୁଣ୍ଡଙ୍କ ସଭାପତିତ୍ୱରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ପ୍ରାଙ୍ଗଣରେ ଆସନ୍ତା ଜୁନ୍ ୨୧ ରେ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସ ପାଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

**ରବି ଧାନ ଅଧିଗ୍ରହଣ**

# ଅଣଚାଷୀଙ୍କ ଗୋଦାମରେ ଚଢ଼ଉ; ୪୭ କ୍ୱିଣ୍ଟାଲ ଧାନ ଜବତ



**ନୂଆପଡ଼ା, ୭।୬(ସମିସ):** ନୂଆପଡ଼ା ଜିଲ୍ଲାରେ ଧାନର ଅବୈଧ ମହଜୁଦ ଓ ବେଆଇନ କାରବାର ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଆଜି ନୂଆପଡ଼ା ଏନ୍‌ଏସି ଅଧୀନ ମନ୍ଦିରପଡ଼ାସ୍ଥିତ ଏକ ରାସ୍ତାକଡ଼ ଭଡ଼ା ଗୋଦାମ ଉପରେ ଚଢ଼ଉ କରାଯାଇ ୪୭.୭୦କ୍ୱିଣ୍ଟାଲ ଧାନ ଜବତ କରାଯାଇଛି। ଯୋଗାଣ ବିଭାଗର ସୂଚନା ଅନୁଯାୟୀ, ଅଣଚାଷୀ ରବୀନ୍ଦ୍ର ଗୁପ୍ତାଙ୍କ ଦ୍ୱାରା ଉକ୍ତ ଗୋଦାମରେ ଧାନ ମହଜୁଦ ରଖାଯାଇଥିବା ଅଭିଯୋଗରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ୧୬୪ଟି ବସ୍ତାରେ ଗଚ୍ଛିତ ଥିବା ମୋଟ ୪୭.୭୦ କ୍ୱିଣ୍ଟାଲ ଧାନ ଜବତ କରାଯାଇଥିଲା। ଏହି ଚଢ଼ଉ ଓ ଜବତ କାର୍ଯ୍ୟରେ ନୂଆପଡ଼ା ଅତିରିକ୍ତ ତହସିଲଦାର ଜଗଜୀବନ ମାଝୀ, ସହକାରୀ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ ଏବଂ ଯୋଗାଣ ନିରୀକ୍ଷିକା ଶୁଭଶ୍ରୀ ଦାଶ ଉପସ୍ଥିତ ରହିଥିଲେ। ଧାନର କେଉଁଠୁ ଆସିଥିଲା ଓ ମହଜୁଦ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଉଥିବାବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅବୈଧ ଧାନ ମହଜୁଦ, ପରିବହନ ଓ କଳାବଜାରୀ ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଞ୍ଚ ଏବଂ ଚଢ଼ଉ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କୁହାଯାଇଛି।

# ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

**ନୂଆପଡ଼ା, ୭।୬(ସମିସ)**

ନୂଆପଡ଼ା ଜିଲ୍ଲାର ଜେଙ୍କୋରା ଓ କୁକୁଡ଼ାଟାଲ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରିବା ପାଇଁ ଶିଳାନ୍ୟାସ ଉତ୍ସବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ଲୋକନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ନୂଆପଡ଼ା ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ, ଜେଙ୍କୋରା ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁକୁଡ଼ାଟାଲକୁ ଏହି ଯୋଜନାରେ ସାମିଲ କରାଯାଇ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ। ଏହି ଯୋଜନା ଅଧୀନରେ ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପରୀକ୍ଷାଗାର, ସମୃଦ୍ଧ ପାଠାଗାର, ଉନ୍ନତ ଶିକ୍ଷଣ ଉପକରଣ ସମେତ ବିଭିନ୍ନ ଭିତ୍ତିଭୂମି ସୁବିଧା ସୃଷ୍ଟି କରାଯିବ। ଏହି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଜେଙ୍କୋରାଠାରେ ଜିଲ୍ଲାସ୍ତରୀୟ ଉତ୍ସବ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଶିକ୍ଷାର ଗୁଣାତ୍ମକ ବିକାଶରେ ସହାୟକ ହେବବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରେଶମ ଲାଲ ନାଏକ, ଗିରିଧାରୀ ସା, ଶିକ୍ଷାବିତ ଡ.ଶିବପ୍ରସାଦ ବେହେରା, ଖରିଆରରୋଡ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ପଞ୍ଚାୟତ ସମିତିସଦସ୍ୟା କୁନ୍ତିବାଇ ସାହୁ, ଶିକ୍ଷା ବିଭାଗର ହେମନ୍ତ କୁମାର ଭୋଇ, କମଳ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

**ଜୟପାଟଣା :** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରଣମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ





କରିଛନ୍ତି। ଏହାସହ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନନ୍ତ ନାରାୟଣ ପଣ୍ଡାଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିବା ବେଳେ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା ଓ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ ଚନ୍ଦ୍ର ଭାଟି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥବିର ବାଗ, ତହସିଲଦାର ଦୀପ୍ତି ରେଖା ବାଗ, ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ, ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ଅବିନାଶ ନନ୍ଦ, ପ୍ରଧାନ ଶିକ୍ଷକ ଭିକ୍ଷାକାରୀ ସାହୁ, ସଞ୍ଜୟ ପାଣିଗ୍ରାହୀ, ଦିଲୀପ ବିଶ୍ୱାଳ, ସୁଧୀର ପଣ୍ଡା ଏବଂ ସମିତି ସଭ୍ୟା ପ୍ରତିନିଧି ଶିବଶଙ୍କର ବ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

**ଗୋଲାମୁଣ୍ଡା :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେରଠାରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ସଭାରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ବରିଷ୍ଠ ବିଜେପି ନେତା ମନୋଜ କୁମାର ମେହେର, ରାଜ୍ୟ ବିଜେପି ଯୁବ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, ଗଣ୍ଡାମେର ସରପଞ୍ଚ ହେମଲତା ନାଏକ ଏବଂ ସମିତି ସଭ୍ୟ ଦୈତାରି ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲାମୁଣ୍ଡା ଥାନାଧିକାରୀ ଯଶୋବନ୍ତ ସେଲମା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ପ୍ରସନ୍ନ ରାଉତ, ଅଙ୍ଗଦ ନାଏକ, ବଂଶୀଖୁ କେତକୀ, ପ୍ରଧାନଶିକ୍ଷକ ବିଘ୍ନରାଜ ରାଉତ, ରାହାସ ବିହାରୀ ନାଏକ, ନରହରି ପଟ୍ଟନାୟକ ଏବଂ ବୃନ୍ଦାବାହାଲ ସରପଞ୍ଚ ଦିନେଶ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ବୈକୁଣ୍ଠ ନାଏକ, ଭାବଗ୍ରାହୀ ନାଏକ ଏବଂ ସମଗ୍ର ଗ୍ରାମବାସୀଙ୍କ ତରଫରୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

**ଜୁନାଗଡ଼ :** ଜୁନାଗଡ଼ ବ୍ଲକ ଦେଦର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ଏହାର ଶିଳାନ୍ୟାସ କରିଥିଲେ। ଚଳିତବର୍ଷ ଦେଦର ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଛି। ଏହାଦ୍ୱାରା ପିଲାମାନେ ସ୍ମାର୍ଟକ୍ଲାସ, ଡିଜିଟାଲ ସୁବିଧା ଓ ଉନ୍ନତଶିକ୍ଷା ପରିବେଶ ପାଇବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏମ୍ ସାଗର ମହାନନ୍ଦ, ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ସରପଞ୍ଚ ସୁଭାଗିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂର୍ଯ୍ୟପ୍ରସାଦ ଠାକୁର ପରିଚାଳନା କରିଥିଲେ।

ସକାଳ
THE SAKALA



# ଶୋଷଣ କରୁଛି ଠିକା କମ୍ପାନୀ; ଆମରଣ ଅନଶନରେ ଶ୍ରମିକ

ଇବଥର୍ମାଲ, ୭।୬(ସମିସ)



ଝାରସୁଗୁଡା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ର ଅନ୍ତର୍ଗତ ଲଖନପୁର ଖୋଲା ମୁହଁ (ଆଇଏଲବିଏଲ) କୋଇଲା ଖଣିରେ କାର୍ଯ୍ୟରତ ବିଭିନ୍ନ ଠିକା କମ୍ପାନୀ ଶ୍ରମିକମାନେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଏହି ଅନଶନ ଆଜି ସକାଳୁ ଆରମ୍ଭ କରାଯାଇଛି। ଶ୍ରମିକମାନଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଲିଖିତ ଭାବେ ଖଣି କର୍ତ୍ତୃପକ୍ଷଙ୍କୁ ଆଗରୁ ସୂଚନା ଦିଆଯାଇଥିଲା।

ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସେମାନଙ୍କୁ ଏଚ୍‌ପିସି ଦରମା ପ୍ରଦାନ କରାଯାଉନାହିଁ। ଯେଉଁ ଶ୍ରମିକଙ୍କ ଦରମା ୩୦ ରୁ ୪୫ ହଜାର ଟଙ୍କା ଯାଏଁ ହେବା କଥା ସେମାନଙ୍କୁ ୧୩ରୁ ୧୮ ହଜାର ଟଙ୍କା ଦରମା ଦେଇ ବାକିତକ ଲୁଟ କରାଯାଉଛି। ୨ ବର୍ଷ ଲେଖାଏଁ କାମ କରି ସାରିଥିଲେ ହେଁ କମ୍ପାନୀ ପରିଚୟପତ୍ର ପ୍ରଦାନ କରୁନାହିଁ। ମେଡିକାଲ କାର୍ଡ, ଭିଟି ଟ୍ରେନିଂ, ସିଏଏମ୍‌ପିଏଫ୍ ପ୍ରଦାନ କରାଯାଉନଥିବାବେଳେ ସ୍ଥାନୀୟ ନିଯୁକ୍ତି ମଧ୍ୟ ଦିଆଯାଉନାହିଁ। ତେଣୁ ଯେତେଦିନ ଯାଏଁ ଠିକା କମ୍ପାନୀଗୁଡ଼ିକ ଏହି ଦାବି ପୂରଣ କରିବେ ନାହିଁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଶ୍ରମିକମାନେ ଏ ସଂକ୍ରାନ୍ତରେ ଲଖନପୁର କୋଇଲା କ୍ଷେତ୍ର ଅଧିକାରୀ, ଲଖନପୁର କୋଇଲା ଖଣି ପିଆର୍‌ଓଙ୍କୁ ଏ ସଂକ୍ରାନ୍ତରେ ଏକାଧିକ ଥର, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମହୋଦୟଙ୍କୁ ଥରେ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତିନିଥର, ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ତିନିଥର ଅଭିଯୋଗ କରିଥିବା କହିଛନ୍ତି। ସବୁବେଳେ ପ୍ରତିଶ୍ରୁତି ମିଳିଛି, ହେଲେ ଏ ଯାଏଁ ଦାବି ପୂରଣ ହୋଇନାହିଁ। ଗତ ୨ ଜୁନ୍‌ରେ ଶ୍ରମିକମାନେ ଏ ସଂକ୍ରାନ୍ତରେ ଲଖନପୁର କୋଇଲା କ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ସୁଣ୍ଡିଙ୍କୁ ଲିଖିତ ଅଭିଯୋଗ କରି ୬ ଜୁନ୍ ପର୍ଯ୍ୟନ୍ତ ଏହାର ସମାଧାନ କରାନଗଲେ ୭ ଜୁନ୍‌ଠାରୁ ଆମରଣ ଅନଶନ କରିବେ ବୋଲି ଚରମ ବାଣୀ ଶୁଣାଇଥିଲେ। ୬ ଜୁନ୍ ସକାଳେ ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ଶ୍ରମିକମାନଙ୍କୁ ଡାକି ଏକ ବୈଠକ କରିଥିଲେ। ବୈଠକରେ ସମସ୍ତ ସମସ୍ୟା ଆଲୋଚନା କରାଯାଇ ଏହାର ସମାଧାନ ସକାଶେ ଏରିଆ ପର୍ସନାଲ ମ୍ୟାନେଜର ୧୦ ଦିନ ସମୟ ମାଗିଥିଲେ। ହେଲେ ବାରମ୍ବାର ପ୍ରତିଶ୍ରୁତି ଓ ପ୍ରତାରିତ ଶ୍ରମିକମାନେ ଏଥିରେ ସହମତି ପ୍ରକାଶ ନକରି ଆପଣ ଆମ ଦାବି ପୂରଣ ନକରିବା ଯାଏଁ ଆମେ ଆମରଣ

### ଏରିଆ ପର୍ସନାଲ ମ୍ୟାନେଜରଙ୍କ ସହ ବୈଠକ ବିଫଳ

ଅନଶନ କରିବୁ ବୋଲି ଜିଦ୍‌ରେ ଅଟଳ ରହିବାରୁ ଆଲୋଚନା ବିଫଳ ହୋଇଥିଲା। ଯେତେଦିନ ପର୍ଯ୍ୟନ୍ତ ଆମର ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଛି ସେତେଦିନ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଶ୍ରମିକମାନଙ୍କ ପକ୍ଷରୁ ଆଲୋକ କୁମାର ସିଂହ, ଚିନ୍ତାମଣି ରଣା, ଭୀଷ୍ମ ଦେବ ପ୍ରଧାନ, ସୀତାରାମ ସିଂହ, ସଞ୍ଜୟ ଜୋଜୋ, ବାସୁଦେବ ଗିରି, ଗଣେଶ ଥାପ୍ପା, ଲକ୍ଷ୍ମୀଧର ବାଗ, ବୈଶାଖୁ ସୁରେନ, ସନ୍ତୋଷ କୁମାର ପ୍ରମୁଖ ପ୍ରକାଶ କରିଛନ୍ତି।

### ସ୍ୱତନ୍ତ୍ର ସଘନ ସଂଶୋଧନ

## ଶତାୟୁଙ୍କୁ ଫର୍ମ ବାଣ୍ଟିଲେ ଉପଜିଲ୍ଲାପାଳ

**ଦେବଗଡ଼, ୭।୬(ସମିସ):** ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅବସରରେ ଆଜି ଜିଲ୍ଲାର ଶତାୟୁ ଭୋଟରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଫର୍ମ ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ



କରାଯାଇଛି। ବାରକୋଟ ବ୍ଲକ ଅନ୍ତର୍ଗତ କାଲକାଠ ଗ୍ରାମର ସ୍ୱର୍ଗତ ସଦାଶିବ ପ୍ରଧାନଙ୍କ ସ୍ତ୍ରୀ ଶୈଳ ପ୍ରଧାନ (୧୦୨) ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ, କାଲକାଠ ଭାଗ ସଂଖ୍ୟା ୮୦ ଅନ୍ତର୍ଗତ ଜଣେ ଶତାୟୁ ନିର୍ବାଚକ ଭାବରେ ପଞ୍ଜୀକୃତ ହୋଇ ନିରବଚ୍ଛିନ୍ନ ଭାବେ ମତଦାନ ପ୍ରକ୍ରିୟାରେ ସାମିଲ ହୋଇଆସୁଛନ୍ତି। ଦେବଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଉପ ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ପରୀକ୍ଷିତ ସାହୁ, ବୁଥ୍‌ସ୍ତରୀୟ ଅଧିକାରୀ ବୈଦ୍ୟନାଥ କିଶାନ ଓ ବରିଷ୍ଠ ରାଜସ୍ୱ ସହାୟକ ନିର୍ବାଚନ ଉପବିଭାଗ ସୌମିତ୍ର ପ୍ରସାଦ ଦେହୁରି ପ୍ରମୁଖ ପରିଗଣନା ଫର୍ମ ପ୍ରଦାନ ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ଜିଲ୍ଲାର ଆଉ ଜଣେ ଶତାୟୁ ରିଆମାଳ ବ୍ଲକ କୁଣ୍ଡେଇଗୋଲା ଗ୍ରାମର ୧୦୩ ବର୍ଷୀୟ ବିଶିକେଶନ ପ୍ରଧାନଙ୍କୁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଆଦିତ୍ୟ ପଣ୍ଡା, ବୁଥ୍‌ସ୍ତରୀୟ ଅଧିକାରୀ ଚନ୍ଦ୍ରଶେଖର ସାହୁ ଓ ସୁପରଭାଇଜାର ବାଉରୀ ବନ୍ଧୁ ସାହୁ ପ୍ରମୁଖ ପରିଗଣନା ଫର୍ମ ପ୍ରଦାନ କରିବା ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଦୁବାଇ ଓ ରୋମ୍ ଗଲା ୨୭.୭୮ କ୍ୱିଣ୍ଟାଲ ଆମ୍ବ




**ରାଉରକେଲା, ୭।୬(ସମିସ):** ଆଜି ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ୍) ଦ୍ୱାରା ପରିଚାଳିତ ଏପିସି ଯୋଜନା ଅଧୀନରେ ଗଠିତ 'ସମ୍ପର୍ଣ୍ଣା ମିଶନ ମହିଳା ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍' ଦ୍ୱାରା ମୋଟ ୨୭.୭୮ କ୍ୱିଣ୍ଟାଲ ଆମ୍ରପଲି ଆମ୍ବ ସଫଳତାର ସହ ଦୁବାଇ ଏବଂ ରୋମ୍‌କୁ ରପ୍ତାନି କରାଯାଇଛି। ଏହି ବିପଣନ କାର୍ଯ୍ୟକ୍ରମ ମାଧ୍ୟମରେ କୁତ୍ରା ବ୍ଲକର ଡମପୋଷ ଗ୍ରାମର ୧୦ ଜଣ ଚାଷୀ ଉପକୃତ ହୋଇଥିବା ସୂଚନା ମିଳିଛି। ଏହି ସମୂହ ବିପଣନ କାର୍ଯ୍ୟରେ ଉଦ୍ୟାନ କୃଷି ବିଭାଗରେ ନିଯୁକ୍ତ ଥିବା ପିଏସ୍.ଏଫ୍.ପିଓ ପ୍ରକଳ୍ପ ବିକ୍ରେତା (ଭେଣ୍ଡର) ସଂଯୋଗ ସ୍ଥାପନ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଏପିସି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି କ୍ଷୁଦ୍ର ଓ ମହିଳା ଚାଷୀମାନଙ୍କର ଆୟ ବୃଦ୍ଧି କରିବା ଏବଂ ସେମାନଙ୍କୁ ବଜାର ସହ ସଂଯୋଗ କରାଇବା। ଏପିସି ଯୋଜନାରେ ମିଶନ ଶକ୍ତି ବିଭାଗଙ୍କ ଆର୍ଥିକ ସହାୟତାରେ ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ମୋଟ ୧୭ଟି ମହିଳା ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି। ଗତବର୍ଷ ଏହିପରି ଲେଫ୍ରିପଡ଼ାରୁ ଆଲୋକପ୍ରଭା ମହିଳା ପ୍ରଡ୍ୟୁସର କମ୍ପାନୀ ଦ୍ୱାରା ୧୯ କ୍ୱିଣ୍ଟାଲ ଆମ୍ବ ଫ୍ରାନ୍ସକୁ ରପ୍ତାନୀ କରାଯାଇଥିଲା। ଏହିପରି ଭାବେ ବିଦେଶ ବଜାରକୁ ଆମ୍ବ ରପ୍ତାନି କରି ସୁନ୍ଦରଗଡ଼ ଜିଲ୍ଲାର ଚାଷୀ ନିଜର ଏକ ନୂତନ ପରିଚୟ ସୃଷ୍ଟି କରିଛନ୍ତି।

## ଝାରସୁଗୁଡ଼ାରେ ଆୟୋଜିତ ହେବ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ

### ପ୍ରସ୍ତୁତି ନେଇ ଜିଲ୍ଲା ଶାଖାର ଗୁରୁତ୍ୱପୂର୍ଣ୍ଣ ଆଲୋଚନା

**ଝାରସୁଗୁଡ଼ା, ୭।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଏମ୍‌ସିଏଲ୍ ଭିଆଇପି ଗେଷ୍ଟ ହାଉସ ଠାରେ ରବିବାର ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଝାରସୁଗୁଡ଼ା ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଉପନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ସହ ଆଗାମୀ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକର ମୁଖ୍ୟ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଅଗଷ୍ଟ ୧୫ରୁ ୩୦ ମଧ୍ୟରେ ଝାରସୁଗୁଡ଼ା ସ୍ଥିତ ନବଦାସ ଅଡିଟୋରିୟମ୍‌ରେ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରାଯିବ। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଭ୍ୟମାନେ ସର୍ବସମ୍ମତି କ୍ରମେ ମତ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ରାଜ୍ୟ କମିଟିକୁ ବିଧିବଦ୍ଧ ଭାବେ ଅବଗତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସଙ୍ଗଠନକୁ ଅଧିକ ସକ୍ରିୟ କରିବା ଉପରେ ଗୁରୁତ୍ୱାରୋପ କରି ଜିଲ୍ଲା ସାଧାରଣ ସମ୍ପାଦକ ଭରତ ପାତ୍ର ସଙ୍ଗଠନର ବିଭିନ୍ନ ସମସ୍ୟା ଓ ଭବିଷ୍ୟତ



ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ସଦସ୍ୟ ପ୍ୟାରିଲାଲ ଶ୍ରୀବାସ୍ତବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅଜୟ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ବରାଡ଼ଙ୍କ ସମେତ ଜୀବନ ମହାନ୍ତି, ଶେଖର ବିଶି, ତ୍ରିଲୋଚନ ଦାଶ, ବନବାସୀ ଗୌଡ଼, ଭୁବନ କିଶୋର ତିୱାରୀ, ଡଃ ବିଜୟ ପଟ୍ଟନାୟକ, ଭୋପାଳ ବେହେରା, ଲକ୍ଷ୍ମୀକାନ୍ତ ସାହୁ, ତିଲେଶ୍ୱର ବାଗ, ମହେନ୍ଦ୍ର ସାଏ, ବିଜୟ ସାହୁ, ସଞ୍ଜୟ ବାହୁ ବଳେନ୍ଦ୍ର, ସଂଗ୍ରାମ ସାଏ, ଆକୁଳି ବେହେରା, ଆଶ୍ରିତ କୁମାର ସାହୁ ଓ କଳ୍ପନା ବିଶ୍ୱାଳ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଗଡ଼ିହି ଷ୍ଟେସନରୁ ପରିତ୍ୟକ୍ତ ଅବସ୍ଥାରେ ଶିଶୁକନ୍ୟା ଉଦ୍ଧାର

**ଝାରସୁଗୁଡା, ୭।୬(ସମିସ):** ଝାରସୁଗୁଡା ଜିଲ୍ଲା ବାଗଡ଼ିହି ରେଳ ଷ୍ଟେସନଠାରେ ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ରାତି ପ୍ରାୟ ୩ଟାରେ ପରିତ୍ୟକ୍ତ ଅବସ୍ଥାରେ ପ୍ରାୟ ୬ ମାସର ଗୋଟିଏ ଶିଶୁକନ୍ୟା ଉଦ୍ଧାର ହୋଇଛି। କିଏ ଓ କାହିଁକି ଏପରି ଶିଶୁକନ୍ୟାଟିକୁ ଛାଡ଼ିଗଲା ତାହା ଜଣାପଡ଼ିନାହିଁ। ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଝାରସୁଗୁଡା ଜିଲ୍ଲା ବାଗଡ଼ିହି ରେଳ ଷ୍ଟେସନର ୩ ନମ୍ବର ପ୍ଲାଟଫର୍ମ ନିକଟସ୍ଥ ୱେଟିଂ ହଲ୍ ପାଖରେ ଏକ ଶିଶୁର କାନ୍ଦ ଶୁଣି ଡ୍ୟୁଟିରେ ଥିବା ଜିଆର୍‌ପି ପୁଲିସ ପହଞ୍ଚିଥିଲେ। ଶିଶୁକନ୍ୟାଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ତୁରନ୍ତ ଶିଶୁ କଲ୍ୟାଣ କମିଟିକୁ ଅବଗତ କରାଯାଇଥିଲେ। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶ ପରେ ଶିଶୁଟିକୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଏବେ ପ୍ରଶ୍ନ ଉଠୁଛି ଏହି କୁନି ଝିଅକୁ କିଏ ଏପରି ଛାଡ଼ି ଚାଲିଗଲା? ତାର ମା' କିଏ? କୌଣସି ଅବିବାହିତ ଯୁବତୀର ସନ୍ତାନ କି? ନା କୌଣସି ପରିବାରର ପୁଅ-ଝିଅ ଭେଦଭାବର ଶିକାର ହୋଇଛି ଏହି ନିଷ୍ପାପ ଶିଶୁକନ୍ୟା?

## ବସ୍‌ରୁ ଖସି ଯୁବକଙ୍କ ମୃତ୍ୟୁ; ଉତ୍ତେଜନା

**ରାଉରକେଲା, ୭।୬(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିଶ୍ରା ଛକଠାରେ ଏକ ଘରୋଇ ବସ୍‌ରୁ ଖସି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବସକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ।

## ଅଟକ ସ୍କ୍ରାପ୍ ବୋଝେଇ ଟ୍ରକ୍‌ଠାରୁ ୧.୪୧ ଲକ୍ଷ ଜିଏସ୍‌ଟି ଆଦାୟ

**ରାଉରକେଲା, ୭।୬(ସମିସ):** ଜିଏସ୍‌ଟି ବିଭାଗ ପକ୍ଷରୁ ରଘୁନାଥପାଲି ପୁଲିସ ଦ୍ୱାରା ପୂର୍ବରୁ ଅଟକ ରଖାଯାଇଥିବା ଏମ୍‌ଏସ୍ ସ୍କ୍ରାପ୍ ପରିବହନ କରୁଥିବା ଏକ ଗାଡ଼ିକୁ ସାମଗ୍ରୀ ଏବଂ ସେବା କର (ଜିଏସଟି) ବାବଦରେ ୧ ଲକ୍ଷ ୪୧ ହଜାର ୬୩୬ ଟଙ୍କା ଜରିମାନା ଆଦାୟ ପରେ ଛାଡ଼ିଦିଆଯାଇଛି।

ସୂଚନା ଅନୁସାରେ, ପରିବହନ ଡକ୍ୟୁମେଣ୍ଟରେ ଅସଙ୍ଗତି ଦେଖାଯିବା ପରେ ପୁଲିସ ଦ୍ୱାରା ଗାଡିଟିକୁ ଅଟକାଇ ଜବତ କରାଯାଇଥିଲା। ଯାଞ୍ଚ ସମୟରେ ଡକ୍ୟୁମେଣ୍ଟଗୁଡ଼ିକ ଅସମ୍ପୂର୍ଣ୍ଣ ସହିତ ଜିଏସ୍‌ଟି ନିୟମାବଳୀ ପାଳନ କରୁ ନଥିବା ଜଣାପଡ଼ିଥିଲା। ପରେ, ଅଧିକ ଯାଞ୍ଚ ପାଇଁ ଜିଏସଟି ବିଭାଗକୁ ପଠାଯାଇଥିଲା। ତଦନ୍ତ ପରେ ଜିଏସ୍‌ଟି କର୍ତ୍ତୃପକ୍ଷ ୧ ଲକ୍ଷ ୪୧ ହଜାର ୬୩୬ ଟଙ୍କା ଜରିମାନା ଲାଗୁ କରିଥିଲେ। ନିର୍ଦ୍ଦିଷ୍ଟ ଜରିମାନା ପ୍ରଦାନ ଏବଂ ଆବଶ୍ୟକୀୟ ଔପଚାରିକତା ପରେ ଗାଡିଟିକୁ ଛାଡ଼ି ଦିଆଯାଇଥିଲା।

## ରଥ ନିର୍ମାଣ କରିଥିବା ମହାରଣା କାରିଗରଙ୍କୁ ସମ୍ବର୍ଦ୍ଧନା



**ଦେବଗଡ଼, ୭।୬(ସମିସ):** ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ଆୟୋଜିତ ରଥଯାତ୍ରା ପାଇଁ ଉଦ୍ଦିଷ୍ଟ ରଥ ଦୀର୍ଘ ଦଶନ୍ଧି ଧରି ବ୍ୟବହୃତ ହେବା ପରେ ଭଗ୍ନାବସ୍ଥାରେ ରହିଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବରୁ ନୂତନ ରଥ ନିର୍ମାଣ କରାଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣ କମିଟି ସଦସ୍ୟଙ୍କ ତଦାରଖରେ ଦେବଗଡ଼ ବନ ବିଭାଗ ପକ୍ଷରୁ ରଥ ନିର୍ମାଣ ପାଇଁ କାଠ ଯୋଗାଇ ଦିଆଯାଇଥିଲା। ଗତ ମେ' ୧୧ରେ ମନ୍ଦିର ସେବାୟତ ଓ ମହାରଣା କାରିଗରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ରଙ୍ଗ କାର୍ଯ୍ୟ ଚାଲିଥିବା ବେଳେ ନୟାଗଡ଼ ଜିଲ୍ଲା ରଣପୁର ଗ୍ରାମର ମହାରଣା କାରିଗରଙ୍କ ରଥ ନିର୍ମାଣ ପାଇଁ ଅହୋରାତ୍ର ପରିଶ୍ରମକୁ ସମ୍ମାନ ଜଣାଇ ଦେବଗଡ଼ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ରଥ ନିର୍ମାଣରେ ନିୟୋଜିତ ସମସ୍ତ ୨୦ ମହାରଣା କାରିଗରଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୁରୁଣାଗଡ଼ ସ୍ଥିତ ପୌର ପରିଷଦ କଲ୍ୟାଣ ମଣ୍ଡପ ପରିସରରେ ବ୍ରାହ୍ମଣ ସମାଜ ସଭାପତି ଅଶୋକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ବରିଷ୍ଠ ନାଗରିକ ସଭାପତି ଡକ୍ଟର ରାମଚନ୍ଦ୍ର ମହାପାତ୍ର, ଅତିଥିଭାବେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢ଼ୀ, ସିଦ୍ଧେଶ୍ୱର ଗୁରୁ, ରଥ ନିର୍ମାଣ କମିଟି ସଦସ୍ୟ ସୁଧୀର କୁମାର କପର୍ଦ୍ଦାର, ଲକ୍ଷ୍ମଣ ପ୍ରଧାନ, ନିରଞ୍ଜନ ଦ୍ୱିବେଦୀ, ମାନସ ରଞ୍ଜନ ଦ୍ୱିବେଦୀ, ସତ୍ୟନାରାୟଣ ମିଶ୍ର, ପର୍ଶୁରାମ ବାହିନୀ, ସମ୍ପାଦକ ସୁରଞ୍ଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

## ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ

**ଦେବଗଡ଼, ୭।୬(ସମିସ):** ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ତିଲେଇବଣି ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରତିଜ କୁମାର ଭୋଜ, ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ କୁମାର ପ୍ରଧାନ, ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲକ୍ଷ୍ମୀକାନ୍ତ ରାଉତରାୟ, ମଞ୍ଜିତା ବେହେରା, କଲଣ୍ଡା ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଝିଲି ପାତ୍ର, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ, ନାଏବ ସରପଞ୍ଚ ଅଲେଖ କୁମାର ନାଏକ, ଅବନୀକାନ୍ତ ଜାଲ, ଲିଙ୍ଗରାଜ ଭୋଇ, ମୁନୀନ୍ଦ୍ର ଗଡ଼ନାୟକ, ଗାଙ୍ଗନଣ ସିଆରସିସି କ୍ଷୀତିଷ କୁମାର ପ୍ରଧାନ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟସଦସ୍ୟା, ପଞ୍ଚାୟତିରାଜ ବିଭାଗର ସଦସ୍ୟ ସଦସ୍ୟା, ସ୍ୱୟଂ ସହାୟକ ସଦସ୍ୟାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।




## ବ୍ରାହ୍ମଣୀରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

### ସତର୍କତାମୂଳକ ବୋର୍ଡ ଲଗାଇବାକୁ ଦାବି

**ରାଉରକେଲା, ୭।୬(ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ଅନ୍ତର୍ଗତ ତରକେରା ପାଣି ପମ୍ପ ନିକଟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ନିଖୋଜ ଥିବା ଯୁବକ ମାନଗୋବିନ୍ଦ ପାତ୍ରଙ୍କ ମୃତଦେହ ୧୮ ଘଣ୍ଟା ପରେ ଆଜି ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ଣରେ ମାନଗୋବିନ୍ଦ ତାଙ୍କର ଦୁଇ ସାଙ୍ଗଙ୍କ ସହ ରାଉରକେଲା ତରକେରା ଡ୍ୟାମ ନିକଟ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଡାକ ପକାଇବାରୁ ସ୍ଥାନୀୟ ଲୋକ ପହଞ୍ଚି ଉଦ୍ୟମ କରିଥିଲେ ବି ଉଦ୍ଧାର କରିପାରିନଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିବାବେଳେ ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରହିଥିଲା। ଆଜି ସକାଳେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ୨ ଘଣ୍ଟା ପରେ ମୃତଦେହ ମିଳିଥିଲା।

ସୂଚନାଯୋଗ୍ୟ ଯେ, ଗତବର୍ଷ ଏହି ଡ୍ୟାମରେ ବୁଡି ୭ ଜଣ ପ୍ରାଣ ହରାଇଥିଲେ। ପ୍ରତିବର୍ଷ ଏହି ଡ୍ୟାମ ନିକଟରେ ନଦୀରେ ବୁଡ଼ି ବହୁ ଜୀବନ ଯାଉଛି। ତେଣୁ ଏଠାରେ ସତର୍କତାମୂଳକ ବୋର୍ଡ ଲଗାଇବାକୁ ସାଧାରଣରେ ଦାବି ହେଉଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରସନ୍ନ କୁମାର ମିଶ୍ର
ବାହାଡ଼ା, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ : ୦୨/୧୧/୧୯୪୨
ତିରୋଧାନ : ୨୮/୦୫/୨୦୨୬
ତୁମର ଆଦର୍ଶ ଓ କର୍ମ ଆମ ହୃଦୟରେ ସର୍ବଦା ଅମର ହୋଇ ରହିବ। ଆଜି ମଧ୍ୟ ବିଶ୍ୱାସ କରିହେଉ ନାହିଁ ଯେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ଆର ପାରିକୁ ଚାଲି ଯାଇଛ। ତୁମ ଅମ୍ଳାନ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣେଜୀ ଓ ପରିବାର ବର୍ଗ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାର୍‌ହା ମୃତ

**ଦେବଗଡ଼, ୭।୬(ସମିସ):** ରିଆମାଳ ବନାଞ୍ଚଳ ପଳସମା ଫରେଷ୍ଟ ସେକ୍ସନ ପଳସମା ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବେଆଇନ ବିଦ୍ୟୁତ୍ ତାର ବିଛା ଯାଇଥିବା ବେଳେ ଏହାର ସଂସ୍ପର୍ଶରେ ଆସି ଏକ ବାର୍‌ହାର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଗତ ସନ୍ଧ୍ୟାରେ ପଳସମାରୁ ବାଘବର ଓ ବେଲମୁଣ୍ଡା ଅଞ୍ଚଳକୁ ଯାଇଥିବା ୧୧ କେଭି ବିଦ୍ୟୁତ୍ ବାରମ୍ବାର ବ୍ୟାହତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ସୂଚନା ପାଇ ବିଦ୍ୟୁତ ବିଭାଗ କର୍ମଚାରୀମାନେ ତଦନ୍ତ କରିବାବେଳେ ପଳସମା ଗାଁ ନିକଟସ୍ଥ ପାହାଡ଼ ପାର୍ଶ୍ୱଦେଇ ଯାଇଥିବା ବିଦ୍ୟୁତ୍ ଖୁଣ୍ଟରୁ ବେଆଇନ ହୁକିଙ୍ଗ୍ ହୋଇଥିବା ଦେଖି ଘଟଣାସ୍ଥଳରୁ ବେଆଇନ ଭାବେ ବ୍ୟବହୃତ ଜିଆଇ ତାର ଜବତ କରିଥିଲେ। ସେହିପରି ଜଙ୍ଗଲ ପାର୍ଶ୍ୱରେ ଏକ ବାର୍‌ହା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଦେଖିଥିଲେ। ଏ ସମ୍ପର୍କରେ ବନ ବିଭାଗକୁ ସୂଚନା ଦେବା ପରେ ପଳସମା ବନପାଳ ହେମନ୍ତ ବରିହା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ୧୨ରୁ ଏମ୍‌ସିଏଲ୍-ବିଏମ୍‌ଆର୍‌ସି କାର୍ଡିଆକ କେୟାର ହସ୍ପିଟାଲ ଓପିଡ଼ି



ଝାରସୁଗୁଡ଼ା, ୭।୬(ସମିସ)

ଚଳିତ ମାସ ୧୨ରୁ ଏମ୍‌ସିଏଲ୍-ବିଏମ୍‌ଆର୍‌ସି କାର୍ଡିଆକ କେୟାର ହସ୍ପିଟାଲର ବର୍ହିବିଭାଗ ସେବା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ହସ୍ପିଟାଲ ପରିସର ଗସ୍ତ କରି ଚାଲୁ ରହିଥିବା ବିଭିନ୍ନ ନିର୍ମାଣ ଓ ଆନୁଷଙ୍ଗିକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରିଛନ୍ତି। ହସ୍ପିଟାଲକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଉଛି।

ଜିଲ୍ଲାପାଳ ହସ୍ପିଟାଲର ବିଭିନ୍ନ ୱାର୍ଡ, ଓପିଡି କାଉଣ୍ଟର ଏବଂ ଚିକିତ୍ସା ଉପକରଣ ସ୍ଥାପନ କାର୍ଯ୍ୟର ସମୀକ୍ଷା କରିବା ସହ ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ କହିଛନ୍ତି। ସ୍ୱାସ୍ଥ୍ୟ ସେବା ଯେପରି ସୁରୁଖୁରୁରେ ଆରମ୍ଭ ହୋଇପାରିବ, ସେଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଏହି ଅତ୍ୟାଧୁନିକ ହସ୍ପିଟାଲ ଆରମ୍ଭ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ହୃଦ୍‌ରୋଗୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ପୂର୍ତ୍ତ ବିଭାଗ, ସାଧାରଣ ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଏବଂ

### ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

### ବଳକା କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

ବିଏମ୍‌ଆର୍‌ସିର କର୍ତ୍ତୃପକ୍ଷଙ୍କୁ ମିଳିତ ଭାବେ କାର୍ଯ୍ୟ କରି ବାକି ରହିଥିବା ସମସ୍ତ ବିଦ୍ୟୁତ, ଜଳଯୋଗାଣ ଓ ନିର୍ମାଣ ସମ୍ପର୍କିତ କାର୍ଯ୍ୟ ତୁରନ୍ତ ସାରିବାକୁ କୁହାଯାଇଛି। ଜୁନ୍ ୧୨ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

ADMISSION OPEN FOR 2026-27
LOWEST COURSE FEE, BEST RESULT
SRI RAM HIGHER SECONDARY SCHOOL
+2 ARTS
Just Pay 5000/- & Take Admission
Contact: 9777369838 9861284719
SRI RAM SCHOOL & COLLEGE OF NURSING
ANM GNM & BSc. Nursing



Contact:9438671719, 9556245445
SOHELA, DIST.- BARGARH (ODISHA), PH: 9437393719
STIPEND FOR ST/SC & OBC STUDENTS

